**ରକ୍ତଦାନ ଶିବିରରୁ ୧୬୧ ୟୁନିଟ୍ ସଂଗୃହୀତ**

**ପାରାଦୀପ, (ଶରତ ରାଉତ):** ପାରାଦୀପର ଅନ୍ୟତମ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆହ୍ୱାନ ଫାଉଣ୍ଡେସନ ଗୁରୁବାର ଇଂଲିଶ ନବବର୍ଷରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏହି ଅବସରରେ ୧୬୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି ବୋଲି ସଂଗଠନ ସଭାପତି ସାଗର କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି। ଏହାକୁ ପାରାଦୀପ ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଅଶୋକ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଇଫ୍‌କୋ ଲୋକସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, ବନ୍ଦର ସମ୍ପଦ ଅଧିକାରୀ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।


**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମନ୍ଦିର, ପର୍ଯ୍ୟଟନସ୍ଥଳରେ ଭିଡ଼

**ଜଗତ୍‌ସିଂହପୁର, ୧୧ (ପ୍ରମୋଦ କୁମାର ନାୟକ)**

୨୦୨୬ ନବବର୍ଷ ଉପଲକ୍ଷେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଦେବଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଛି। ପରିବାରର ସୁଖ ଓ ସମୃଦ୍ଧି ପାଇଁ ପୂଜାପାଠ ସାଙ୍ଗକୁ ପିଠାପଣା ଆଦି ସୁସ୍ୱାଦୁ ଖାଦ୍ୟ କରି ଖୁସି ମନାଇଛନ୍ତି। ଏହି ଅବସରରେ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳା ଓ ଗୋରେଖନାଥ ଆଦି ପୀଠରେ ସକାଳୁ ଦିନ ଭରି ବେଶ୍ ଜନଗହଳି ଦେଖିବାକୁ ମିଳିଥିଲା। ଏଥିସହ ଜିଲା ମୁଖ୍ୟାଳୟରେ ଥିବା ଗୋପାଳଜୀଉ ମନ୍ଦିର, ସୋମନାଥ ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର, ସାଇ ମନ୍ଦିର, ବାରଙ୍ଗ ଜଗନ୍ନାଥ ମନ୍ଦିର, ବରାହୀ ମନ୍ଦିର ଓ ଦୁର୍ଗା ମନ୍ଦିର ଆଦିରେ ମଧ୍ୟ ଭିଡ ଜମିଥିଲା। ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ସିଆଳି, ପାରାଦୀପ ସମୁଦ୍ର କୂଳ ସମେତ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ନୂଆ ବର୍ଷ ନେଇ ପର୍ଯ୍ୟଟକମାନଙ୍କ ଭିଡ ହୋଇଥିଲା। ଜିଲା ମୁଖ୍ୟାଳୟ ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ରାଜନେତାମାନଙ୍କ ବ୍ୟାନର ଓ ପୋଷ୍ଟର ଦେଖିବାକୁ ମିଳିଛି। ଏଥିସହ ଭାଜପା, କଂଗ୍ରେସ ଓ ବିଜେଡି ଶିବିରରେ ମଧ୍ୟ ଦଳୀୟ ନେତା ଓ କର୍ମୀଙ୍କ ସମାଗମ ହୋଇଥିଲା। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଗୋପାଳସାଗରସ୍ଥିତ ବାସଭବନରେ ଶତାଧିକ ଦଳୀୟ ନେତା, କର୍ମୀ, ଯୁବଗୋଷ୍ଠୀ ଓ କ୍ରୀଡାବିତ୍ ପ୍ରମୁଖ ପହଞ୍ଚି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।



ଗୋରେଖନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଗୋରେଖନାଥ ପୀଠ ଚଳଚଞ୍ଚଳ**

**ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସ୍ୱାଇଁ):** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଇଂଲିଶ ନବବର୍ଷ ଉପଲକ୍ଷେ ଚଳଚଞ୍ଚଳ ହୋଇଉଠିଛି। ପ୍ରବଳ କୁହୁଡି ସତ୍ତ୍ୱେ ବଡିଭୋରୁ ପ୍ରଭୁଙ୍କ ମଙ୍ଗଳଆଳତି କାର୍ଯ୍ୟ ସମାପନ ପରେ ପୀଠକୁ ଦର୍ଶନାର୍ଥୀଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ତେବେ ପୂର୍ବାହ୍ନରୁ ପୀଠକୁ ଆସିବାକୁ ଥିବା ତିନୋଟି ପଥରେ ଟ୍ରାଫିକ ଜାମ୍ ସମସ୍ୟା ଉତ୍କଟ ହୋଇଥିଲା। ଆବଶ୍ୟକ ସଂଖ୍ୟକ ପୋଲିସ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ବାଇକ୍ ଓ କାରରେ ଶତାଧିକ ଲୋକେ ବହୁ ଘଣ୍ଟା ପର୍ଯ୍ୟନ୍ତ ଫସି ରହିଥିଲେ। ଏପରି କି ସଂକୀର୍ଣ୍ଣ ରାସ୍ତାରେ ପାଦରେ ଚାଲିଚାଲି ଆସୁଥିବା ପଥଚାରୀମାନଙ୍କୁ ମଧ୍ୟ ଅଟକି ରହିବାକୁ ପଡ଼ିଥିଲା। ସ୍ଥାନୀୟ ଯୁବକ ସଂଘର ସଦସ୍ୟମାନେ ଭିଡକୁ ନିୟନ୍ତ୍ରଣ କରିଥିଲେ। ବଡିଭୋରୁ ପୂଜକ ଦିଲୀପ କୁମାର ପଣ୍ଡା ପ୍ରଭୁଙ୍କୁ ଚିତାଲାଗି କରିଥିଲେ। ପରେ ପାଳିଆ ସେବକଙ୍କ ଦ୍ୱାରା ପୂଜାନୀତି କରାଯାଇଥିଲା। ଦିନତମାମ ପୀଠରେ ଭଜନ କୀର୍ତ୍ତନ ହେବାସହ ମାନସିକଧାରୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଛି। ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ଡାକବାଜି ଯନ୍ତ୍ର ଯୋଗେ ଆଗନ୍ତୁକ ଭକ୍ତଙ୍କୁ ପକେଟମାରୁଙ୍କ ପ୍ରତି ସଚେତନ ରହିବାକୁ କୁହାଯିବା ସହ ଭିଡ ମଧ୍ୟରେ ହଜିଯାଉଥିବା ଛୋଟ ପିଲାଙ୍କୁ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା। ତିର୍ତ୍ତୋଲ ତହସିଲଦାର କଳ୍ପନା ନାୟକ ପୀଠରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିଲେ। ପୀଠ କିରାଣି ସରୋଜ କୁମାର ସାହାଣୀଙ୍କ ସହ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଆବଶ୍ୟକ ସୁବିଧା ଉପଲବ୍ଧ କରାଇଥିଲେ। ରାତି ପର୍ଯ୍ୟନ୍ତ ପୀଠରେ ଗହଳି ଲାଗିରହିଥିବା ବେଳେ ଚତୁଃପାର୍ଶ୍ୱରେ ଥିବା ଦୋକାନୀମାନେ ଭଲ ରୋଜଗାର କରିଥିବା ଜଣାପଡ଼ିଛି।

**ଇଂଲିଶ୍ ନୂଆ ବର୍ଷ ୨୦୨୬କୁ ସ୍ୱାଗତ**

**ସୁଭଦ୍ରା କ୍ଷେତ୍ରରେ ଶ୍ରଦ୍ଧାଳୁଙ୍କ ଭିଡ଼**

**କୁଜଙ୍ଗ, (ମନୋଜ ପ୍ରଧାନ):** ନୂଆବର୍ଷ ଉପଲକ୍ଷେ ସୁଭଦ୍ରା କ୍ଷେତ୍ର ଭାବେ ପରିଚିତ କୁଜଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗସ୍ଥିତ କୁଞ୍ଜବିହାରୀଙ୍କ ନିକଟରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଭୋରୁ ପ୍ରଭୁଙ୍କ ମଙ୍ଗଳ ଆଳତି ସହ ସମସ୍ତ ପୂଜାର୍ଚ୍ଚନା ସରିବା ପରେ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଏହି ଅବସରରେ ମନ୍ଦିର ବେଢ଼ାରେ ଭଜନ ସମାରୋହ ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଳୁମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ପ୍ରଭୁଙ୍କ ଦର୍ଶନ କରି ମୁକ୍ତ ଭାବେ ମହାପ୍ରସାଦ ସେବନ କରି ଫେରିବେ ସେଥିପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ମୁଖ୍ୟ ରାଜେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ସଭ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଇକ୍ ଧକ୍କାରେ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ, ୩ ଅଟକ

**ମହାକାଳପଡ଼ା, ୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ମହାକାଳପଡ଼ା ଥାନା ଅଧୀନ ବଳିପାଳ ପଞ୍ଚାୟତ ସ୍ଥାନୀୟ ଅନ୍ଧୁଳି ବସାଘର ଗ୍ରାମଠାରେ ଗୁରୁବାର ଅପରାହ୍ନରେ ବାଇକ୍ ଧକ୍କାରେ ଏକ ନବମ ଶ୍ରେଣୀ ଛାତ୍ରୀ ଆଶାଲତା ମଲିକ (୧୪) ମୃତ୍ୟୁ ଘଟିଛି। ଅପର ପକ୍ଷରେ ଅନ୍ୟ ସାଥୀ ଛାତ୍ରୀ ସାଲିନୀ ମଲିକ (୧୪) ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଓରତ-ଶ୍ରୀଚନ୍ଦନପୁର ଅନ୍ଧୁଳି ଗାଁ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ୩ ଯୁବକ ଏକ ବାଇକ୍‌ରେ ଦ୍ରୁତବେଗରେ ଯାଉଥିବାବେଳେ ରାସ୍ତାପାର୍ଶ୍ୱରେ ଛାତ୍ରୀଙ୍କ ସାଇକେଲ ସହ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ୩ ଯୁବକଙ୍କୁ ସ୍ଥାନୀୟ ଲୋକେ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ସେମାନେ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ସୁଜନପୁର ଗ୍ରାମର ଶିବ ପ୍ରସାଦ ପରିଡା (୧୭), ମାଟିଆପଡ଼ା ଗ୍ରାମର ଚନ୍ଦ୍ର ଶେଖର ପ୍ରଧାନ (୧୮) ଓ ସାନମୋହନପୁର ଗ୍ରାମର ଅନିଲ ବେହେରା (୧୮)। ପୋଲିସ ସେମାନଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍ ନଂ. ଓଡି ୨୯ ଏମ ୦୪୪୨କୁ ପୋଲିସ ଜବତ କରିଛି। ୨ଜଣ ଛାତ୍ରୀ ନିକଟସ୍ଥ ହୀରାବାଙ୍କ ଛକ ନିକଟରେ ଏକ ଜନସେବା କେନ୍ଦ୍ର ଯାଇ କାମ ସାରି ୨ଟି ସାଇକେଲରେ ଫେରୁଥିଲେ। ଫେରିବା ବାଟରେ ଅନ୍ଧୁଳି ରାସ୍ତା ବରଗଛ ବାଙ୍କଠାରେ ବାଇକ୍ ସହ ୨ ଛାତ୍ରୀ ମଧ୍ୟରୁ ଆଶାଙ୍କ ସହ ଧକ୍କା ହୋଇଥିଲା। ମୃତ ଛାତ୍ରୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ନଂ. ୪/୨୬ରେ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

## ଦାଦାବଟିକୁ ନେଇ ଆକ୍ରମଣ, କାର୍ ଭଙ୍ଗାରୁଜା

**ମାର୍ଶାଘାଇ, ୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)**

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର କଳାଗଡ଼ ଛକରେ ଗୁରୁବାର ସନ୍ଧ୍ୟାରେ ଆଇରନ ବୋଝେଇ ଟ୍ରକରୁ ଦାଦାବଟି ଆଦାୟ ନେଇ ଆକ୍ରମଣ ଓ ଗାଡି ଭଙ୍ଗାରୁଜା ହୋଇଥିବା ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ ବଡ଼ପାଳଡିଆ ଗାଁର ଆଶିଷ କୁମାର ନାୟକ ଅଭିଯୋଗ ଅନୁଯାୟୀ ତାଙ୍କର ଏକ ଆଇରନ ବୋଝେଇ ଟ୍ରକ ସନ୍ଧ୍ୟାରେ ପାରାଦୀପକୁ ଯାଉଥିଲା। କଳାଗଡ଼ ଛକ ନିକଟରେ ଅଟକି ଥିଲା। ଏହି ସମୟରେ ୪ରୁ ୫ ଜଣ ଯୁବକ ଟ୍ରକ୍ ନିକଟରେ ପହଞ୍ଚି ଡ୍ରାଇଭରଙ୍କୁ ବଟି ମାଗିଥିଲେ। ସେ ମନା କରିବାରୁ ତାକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଡ୍ରାଇଭର ଫୋନ କରି କହିବାର ଅନ୍ୟ ସାଙ୍ଗମାନଙ୍କୁ କହି ଆଗେ ଘଟଣାସ୍ଥଳକୁ ଯାଇଥିଲି। ଏହାର ପ୍ରତିବାଦ କରିବାରୁ ସେମାନେ ଗାଳିଗୁଲଜ କରି ତଣ୍ଟି ଚିପି ତଳେ ପକାଇ ବିଧା ଗୋଇଠା ମାରିଥିଲେ। ସାଙ୍ଗମାନେ ପହଞ୍ଚିବାରୁ ସେମାନେ ଆହୁରି ୧୦ ଜଣଙ୍କୁ ଫୋନ କରି ଡକାଇ ଥିଲେ। ସେମାନେ ହାତରେ ଖଣ୍ଡା, ଲୁହା ରଡ ଓ ଭୁଜାଲି ଧରି ଆସିବାରୁ ସାଙ୍ଗମାନଙ୍କ ଲୁଚି ପଳାଇ ଆସିଲୁ। ସାଙ୍ଗମାନେ ନେଇଥିବା କାର୍‌କୁ ବାଡ଼େଇ ଭାଙ୍ଗିଥିଲେ। ଏ ସମ୍ପର୍କରେ ମାର୍ଶାଘାଇ ଆଇଆଇସି ତପନ ନାୟକଙ୍କୁ ପଚାରିବାରେ ଏତଲା ହେବା ସହ ଘଟଣାର ତଦନ୍ତ ଚାଲିଛି।

## ମୋବାଇଲ ଲୁଟେରା ଗିରଫ, ୧୮ ମୋବାଇଲ ଜବତ

**ପାରାଦୀପ, ୧।୧ (ଶରତ ରାଉତ)**

ମୋବାଇଲ୍ ଫୋନ୍ ଲୁଟ୍ ଅଭିଯୋଗରେ ପାରାଦୀପ ଲକ୍‌ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୮ଟି ଚୋରି ମୋବାଇଲ ଫୋନ୍ ଜବତ କରାଯାଇଛି। ଏସବୁ ମୋବାଇଲ ଫୋନ୍‌ର ବଜାର ମୂଲ୍ୟ ୨.୫୦ ଲକ୍ଷ ଟଙ୍କା ହେବ ବୋଲି ଏଏସ୍‌ପି ସ୍ମୃତିରଞ୍ଜନ କର ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ବଗଦିଆ ଗ୍ରାମର ରଘୁମଲ୍ଲିକ (୪୬)। ଏନେଇ ଥାନାରେ ମାମଲା (ନଂ.୪୨୮/୨୫) ରୁଜୁ କରାଯାଇଛି। ପୋଲିସ ସୂଚନା ମୁତାବକ, ଡିସେମ୍ବର ୩୦ ଖରାବେଳେ ପାରାଦୀପଗଡ ବଜାରରେ ଥିବା ବିକାଶ କୁମାର ବେହେରା ତାଙ୍କ ମୋବାଇଲ ରିପେୟାରିଂ ଦୋକାନ ବନ୍ଦ କରିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ରଘୁ ଦୋକାନ ଡାହାଣ ପଟ କବାଟ ଭାଙ୍ଗି ଦୋକାନ ଭିତରେ ପଶି ୧୮ ଟି ମୋବାଇଲ ଓ ୨ଟି ବ୍ଲୁ ଟୁଥ୍ ନେଇ ଯାଇଥିଲେ। ଏ ସମ୍ପର୍କରେ ବିକାଶ ଥାନାରେ ଅଭିଯୋଗ କରିବା ପରେ ବୁଧବାର ପୋଲିସ ରଘୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି।

## ମହିଳା କଲେ ମଦ ବିରୋଧୀ ସଚେତନତା



ପଥୁରିଆ ଗ୍ରାମବାସୀ ଓ ମହିଳାମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।।

**କୁଜଙ୍ଗ, ୧।୧ (ମନୋଜ ପ୍ରଧାନ)**

**ନୂଆବର୍ଷରେ ନୂଆ ସଂକଳ୍ପ**

କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ଅନ୍ତର୍ଗତ ପଥୁରିଆ ଗ୍ରାମବାସୀ ଓ ଏଠାକାର ମହିଳା ଏକତା ଗୋଷ୍ଠୀ ପକ୍ଷରୁ ଗ୍ରାମକୁ ନିଶାମୁକ୍ତ କରିବାକୁ ନୂଆ ବର୍ଷରେ ସଂକଳ୍ପ ନେଇଛନ୍ତି। ଏନେଇ ମହିଳାମାନେ ସଭା କରିବା ସହ ସଚେତନତା ଶୋଭାଯାତ୍ରା କରିଛନ୍ତି। ସଡ଼କ ଦୁର୍ଘଟଣାରେ ପୀଡ଼ିତ ପରିବାରର ଦୁଃଖ ଓ ଯନ୍ତ୍ରଣା ଅନୁଭବ କରି ସେମାନେ ସଡ଼କ ସୁରକ୍ଷା ଜୀବନ ରକ୍ଷା, ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ ଓ ସୁସ୍ଥ ଗ୍ରାମ ନେଇ ବ୍ୟାପକ ସଚେତନତା କରିଛନ୍ତି। ଏହି ଅବସରରେ ଶତାଧିକ ମହିଳା ଗ୍ରାମ ଦେବତୀ ବଜ୍ର ମହାକାଳୀ ପୀଠରେ ସମାବେଶ କରିବା ସହ ଗ୍ରାମ ପରିକ୍ରମା କରି ଅଣାକାର ମଠ ଦେଇ ପୁଣି ଗ୍ରାମ ଦେବତୀ ପୀଠରେ ଏକତ୍ରିତ ହୋଇଥିଲେ। ହାତରେ ପ୍ଲାକାର୍ଡ ଧରି ନିଶା ନିବାରଣ ଓ ପରିବେଶ ସୁରକ୍ଷାର ସ୍ଲୋଗାନ ଦେଇଛନ୍ତି। ଗ୍ରାମ କମିଟିର କର୍ମକର୍ତ୍ତା, ମୁରବିମାନେ ଏଥିରେ ସହଯୋଗ କରିଥିଲେ।

## ଦୀପ୍ତିରେଖାଙ୍କ ଶୁଭେଚ୍ଛା ହୋର୍ଡିଂକୁ ନେଇ ରାଜନୀତି ସରଗରମ

**କୁଜଙ୍ଗ, ୧।୧ (ମନୋଜ ପ୍ରଧାନ)**





ପାରାଦୀପର ପୂର୍ବତନ ଭାଜପା ବିଧାୟିକା ପ୍ରାର୍ଥୀନୀ ତଥା ନବ ନିଯୁକ୍ତ ଜଗତସିଂହପୁର ଜିଲା ଭାଜପା ଉପସଭାନେତ୍ରୀ ଦୀପ୍ତିରେଖା ନାୟକଙ୍କ ୨୦୨୬ ନବବର୍ଷର ଅଭିନନ୍ଦନ ହୋର୍ଡିଂକୁ ନେଇ ଚର୍ଚ୍ଚା ହେବା ସହ ଭାଜପା ରାଜନୀତି ସରଗରମ ହୋଇଉଠିଛି। ଦୀପ୍ତିରେଖା ଉକ୍ତ ହୋର୍ଡିଂରେ ତାଙ୍କ ସହ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଭାଜପା ରାଜ୍ୟ ସଭାପତି ଓ ଜଗତ୍‌ସିଂହପୁର ଜିଲା ଭାଜପା ସଭାପତିଙ୍କ ଫଟୋ ଥିବାବେଳେ ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇଙ୍କ ଫଟୋ ରଖିନାହାନ୍ତି। ମନ୍ତ୍ରୀ ଓ ଏମ୍‌ପିଙ୍କ ଫଟୋ ନ ରହିବା ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ ୨୦୧୪ ସାଧାରଣ ନିର୍ବାଚନ ବେଳେ ମନମୋହନ ସାମଲ ରାଜ୍ୟ ସଭାପତି ଥିଲେ। ସେତେବେଳେ ଦୀପ୍ତିରେଖା ପାରାଦୀପରୁ ବିଧାୟିକା ପ୍ରାର୍ଥୀନୀ ହୋଇଥିଲେ। ପରେ ରାଜ୍ୟ ମହିଳା ମୋର୍ଚ୍ଚାର ସମ୍ପାଦିକା ହୋଇଥିଲେ। ବର୍ତ୍ତମାନ ମନମୋହନ ସାମଲ ରାଜ୍ୟ ଭାଜପା ସଭାପତି ରହିବା ସହ ରାଜ୍ୟରେ ଦଳର ସରକାର ଅଛି। ଏଭଳିସ୍ଥିତିରେ ଆଗକୁ ରାଜନୈତିକ ସମୀକରଣ କ'ଣ ହେବ ତାହା ଦେଖିବାକୁ ବାକି ରହିଲା।

## ଗାଁ ମନ୍ଦିରରେ ଏକାଠି ଖାଇଲେ ଗ୍ରାମବାସୀ

**ଚୂନ ଗ୍ରାମରେ ନିଆରା ଭାବେ ପାଳିଲେ ଇଂଲିଶ୍ ନବବର୍ଷ**

**ପାରାଦୀପ, ୧।୧ (ଶରତ ରାଉତ)**

ଚଳିତ ଇଂଲିଶ ନବବର୍ଷକୁ ଅନେକ ଲୋକ ଭିନ୍ନ ଭିନ୍ନ ଭାବେ ପାଳନ କରୁଛନ୍ତି। କିନ୍ତୁ ପାରାଦୀପ ଲକ୍‌ଥାନା ଅନ୍ତର୍ଗତ ଚୂନ ଗ୍ରାମର ଗ୍ରାମବାସୀ ନିଆରା ଭାବେ ନବବର୍ଷ ପାଳନ କରିଛନ୍ତି। ଗ୍ରାମର ସବୁଲୋକ ଏକାଠି ବସି ଖାଇଛନ୍ତି। ଏହାକୁ ତାଙ୍କ ଭାଷାରେ ପଙ୍ଗତ ବୋଲି ନାମିତ କରିଥିଲେ। ପାରାଦୀପଗଡ ପଞ୍ଚାୟତ ଅଧୀନରେ ଥିବା ଉକ୍ତ ଚୂନ ଗ୍ରାମର ଯୁବକମାନେ ୨୦୨୩ରୁ ଗାଁର ଆରାଧ୍ୟ ଦେବୀ ମା'କେନ୍ଦୁଆଣୀ ସଂଗଠନ କରି ନୂଆବର୍ଷରେ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବାଣ୍ଟିଥାନ୍ତି। ଚଳିତବର୍ଷ ମଧ୍ୟ ସେହିଭଳି ଶୀତବସ୍ତ୍ର ବାଣ୍ଟିବା ସହ ପଙ୍ଗତ ଆୟୋଜନ କରିଥିଲେ। ଉକ୍ତ ମନ୍ଦିରରେ ଛୋଟଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧ ପର୍ଯ୍ୟନ୍ତ ସଭିଏ ସାମିଲ ହୋଇଥିଲେ ବୋଲି କେନ୍ଦୁଆଣୀ ଯୁବକ ସଂଘର ସଭାପତି ବାବାଜୀ ମହାପାତ୍ର କୁହନ୍ତି। ସମାବେଶରେ ଅତିଥିଭାବେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ, ବର୍ଷୀୟାନ କବୟିତ୍ରୀ ଗୋଲାପରାଣୀ ସାହୁ, ସରପଞ୍ଚ ପ୍ରତିନିଧି ତଥା ଆଇନଜୀବୀ ସଞ୍ଜୟ କୁମାର ବେହେରା, ଗାଁର ଶିଳ୍ପପତି ପ୍ରହଲ୍ଲାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାୟ ୧୦୦ରୁ ଅଧିକ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ଦିଆଯିବା ସହ ମନ୍ଦିର ପୋଖରୀ ହୁଡାରେ ଚାରା ରୋପଣ କରାଯାଇଥିଲା। ଗାଁର ସବୁଲୋକ ଏକାଠି ବସି ଖାଇବା ଆମୋଦିତ କରିଛି ବୋଲି ସଙ୍ଗଠନର ପ୍ରମୁଖ ସଦସ୍ୟ ସଞ୍ଜୟ ସାହୁ, ବିକ୍ରାନ୍ତ ସାହୁ, ପ୍ରକାଶ ସାହୁ ପ୍ରମୁଖ କହିଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ରମେଶ ତ୍ରିପାଠୀ ସଞ୍ଚାଳନ କରିଥିଲେ। ଏଥିସହ ଗାଁର ଛୋଟ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# Classified Everyday

0674-2580101, 9692975378





REAL ESTATE

**SALE**

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347. D-2878





3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ନୀଳକଣ୍ଠ ସୁନ୍ଦରାୟ

ଭୁବନେଶ୍ୱର, ଶିଶୁପାଳଗଡ଼, ଖଣ୍ଡାଇତ ସାହି

ଆବିର୍ଭାବ: ୦୧।୦୧।୧୯୫୬

ତିରୋଧାନ: ୨୩।୧୨।୨୦୨୫

ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।

ଧ-3007

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ ଡଃ ବିଜୟ କୁମାର ସାହୁ

ବୟାଳିଶବାଟି, ଗୋପ, ପୁରୀ

ଆବିର୍ଭାବ – ୦୫।୦୨।୧୯୫୬

ତିରୋଧାନ – ୧୩।୦୧।୨୦୨୫

ଦିବ୍ୟ ଆତ୍ମନ୍,

ଆପଣ ଇହଧାମ ତ୍ୟାଗ କରି ଆମକୁ ଛାଡ଼ି ଚାଲିଯିବା ଏକ ବର୍ଷ ବିତିଗଲାଣି। ଆପଣଙ୍କ ସଜଳ ସ୍ମୃତି ଆମକୁ ବ୍ୟଥିତ କରୁଛି। ଯେଉଁଠି ଥିଲେ ବି ଆପଣଙ୍କ ଆଶୀର୍ବାଦର ହାତ ଆମ ମଥାରେ ସର୍ବଦା ରହିଥାଉ। ବିଶ୍ୱନିୟନ୍ତାଙ୍କ କୋଳରେ ଆପଣ ଚିରଶାନ୍ତି ଲାଭ କରନ୍ତୁ, ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଏତିକି କାମନା।

-:ଆପଣଙ୍କର ସ୍ନେହାନୁବନ୍ଧ:-

ପରିବାରବର୍ଗ

ଧ-3006

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



୰ ପୂର୍ଣ୍ଣ ଚନ୍ଦ୍ର ଶ୍ରୀଚନ୍ଦନ

ତୁଳସୀ ନଗର, ବଲାଙ୍ଗୀର

ଆବିର୍ଭାବ: ୦୩।୦୪।୧୯୩୧

ତିରୋଧାନ: ୨୩।୧୨।୨୦୨୫

ଏକ ଇଷ୍ଟକୈନ୍ଦ୍ରିକ ପରୋପକାରୀ ନିଷ୍ଠାପର ସତସଙ୍ଗୀ ରୂପେ ସାରା ଜୀବନ ଅତିବାହିତ କଲେ ଆପଣ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-

ବନ୍ଧୁ ଓ ଶ୍ରୀଚନ୍ଦନ ପରିବାରବର୍ଗ।

ଧ-3005

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ ସତ୍ୟ ରଞ୍ଜନ ନାୟକ

ଆବିର୍ଭାବ: ୧୫।୦୬।୧୯୯୪

ତିରୋଧାନ: ୦୨।୦୧।୨୦୨୨

ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ।

-:ଶୋକସନ୍ତପ୍ତ:-

ମାମା, ବାବା, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)।

ଧ-3003

**ଦ୍ୱାଦଶାହ ଉପଲକ୍ଷେ**



୰ ଶାନ୍ତିଲତା ଦାଶ

ତିରୋଧାନ: ୨୨।୧୨।୨୦୨୫

ଶାସ୍ତ୍ରୀ ନଗର, ଭୁବନେଶ୍ୱର

ଶୂନ୍ୟ ଘରଦ୍ୱାର ଶୂନ୍ୟ ଏ ଅଗଣା

ସଭିଏଁ ହୁଅନ୍ତି ଝୁରି,

ବୈକୁଣ୍ଠପୁରକୁ ଚାଲିଗଲ ମା'

ପ୍ରଭୁଙ୍କ ନାମକୁ ସ୍ମରି।

ପ୍ରଭୁଙ୍କ ପୟରେ ମିନତି ଏତିକି

ତବ ଅମର ଆତ୍ମା ଲଭୁ ଶାନ୍ତି ସ୍ୱସ୍ତି।

ଶୋକାକୁଳ ପରିବାରବର୍ଗ

ଧ-3004

# ବିରଜା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼


ନୂଆବର୍ଷରେ ମା' ବିରଜାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

**ଯାଜପୁରଟାଉନ,୧୧ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ପାଦ ଥାପିସାରିଛି ଇଂରାଜୀ ନବବର୍ଷ ୨୦୨୬। ନୂତନ ବର୍ଷର ପହିଲି ସକାଳେ ଯାଜପୁର ସହରର ବିଭିନ୍ନ ଦେବଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଶେଷକରି ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ବହୁ ଭିଡ଼ ପରିଲକ୍ଷିତ ହୋଇଥିଲା। ନବବର୍ଷର ପ୍ରଥମ ଦିନରେ ସମସ୍ତେ ମା'ଙ୍କୁ ଦର୍ଶନ କରି ନିଜର ଦିନ ଆରମ୍ଭ କରିଥିଲେ। ଯଦିଓ ସକାଳୁ ଘନ କୁହୁଡ଼ି ହୋଇଥିଲା, ପୂର୍ବାହ୍ନ ୧୧ଟାରେ କୁହୁଡ଼ି କମିବାରୁ ବିରଜା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଆରମ୍ଭ ହୋଇଥିଲା।

ନବ ବର୍ଷ ଅବସରରେ ମା'ଙ୍କୁ ବଡ଼ଶୃଙ୍ଗାର ବେଶରେ



ସଜ୍ଜିତ କରାଯାଇଥିଲା। ରାତି ପର୍ଯ୍ୟନ୍ତ ମା'ଙ୍କ ମନ୍ଦିରରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଜିଲା ଓ ଜିଲା ବାହାରୁ ବହୁ ଶ୍ରଦ୍ଧାଳୁ ମା'ଙ୍କୁ ଦର୍ଶନ କରିବାକୁ ଆସିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ଯାଜପୁର ପୋଲିସ ଫୋର୍ସ ମନ୍ଦିରରେ ମୁତୟନ ହୋଇଥିଲେ। ସେହିପରି ଯାଜପୁରର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି। ଯାଜପୁର ସହରର ରାମ ମନ୍ଦିର, ରକ୍ଷାକାଳୀ ମନ୍ଦିର, ବରାହ ମନ୍ଦିର, ସପ୍ତମାତୃକା ମନ୍ଦିର, ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁ ପହଞ୍ଚି ସମସ୍ତ ଦେବଦେବୀଙ୍କୁ ଦର୍ଶନ କରିଥିଲେ। କୁସୁମା, ଶିବ ପ୍ରକଳ୍ପରେ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥିଲା।

## ନୂତନ ବର୍ଷକୁ ସ୍ୱାଗତ

## ମହାବିନାୟକ, ଓଳାଶୁଣୀରେ ଭିଡ଼ ଜମିଲା

**ବଡ଼ଚଣା,୧୧(ଦିଲୀପ କୁମାର ମହାନ୍ତି):** ନୂତନ ବର୍ଷ ୨୦୨୬ର ପ୍ରଥମ ଦିନକୁ ଆନନ୍ଦ ଉଲ୍ଲାସର ସହ ସ୍ୱାଗତ କରିଛନ୍ତି ଲୋକେ। ଏଥିପାଇଁ ବଡ଼ଚଣା ବ୍ଲକ୍‌ର ବିଭିନ୍ନ ଦେବାଳୟ ଓ ପର୍ଯ୍ୟଟନ ସ୍ଥଳ ଉତ୍ସବମୁଖର ହୋଇ ଉଠିଥିଲା। ସବୁଠି ଲୋକଙ୍କ ଭିଡ଼ ଜମିଥିଲା। ବିଶେଷକରି ଚଣ୍ଡିଖୋଲ ମହାବିନାୟକ, ବନଦୁର୍ଗା, ଚଣ୍ଡିମନ୍ଦିର, ଛତିଆ, ଜଗତେଶ୍ୱର ମନ୍ଦିର(ମିନି କେଦାରରନାଥ), ଉଦୟଗିରି, ରତ୍ନଗିରି, ଲଳିତଗିରି, ଓଳାଶୁଣୀ, ତେଲିଗଡ, ଧନଘର ଖୋଲ ପ୍ରମୁଖ ପର୍ଯ୍ୟଟନସ୍ଥଳ ଏବଂ ଦେବାଳୟରେ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବହୁ ଲୋକ ଭୂଷଣ୍ଡପୁରସ୍ଥିତ ଗ୍ରାମୀଣ ଉଦ୍ୟାନରେ ବଣଭୋଜି କରିବା ସହ ନୌକା ବିହାରର ମଜା ନେଇଥିଲେ। ପିଲାମାନେ ବିଭିନ୍ନ ଦୋଳି ଆନନ୍ଦିତ ହୋଇଥିଲେ। ଜଗତେଶ୍ୱରଙ୍କ ଦର୍ଶନ ପାଇଁ ବହୁ ଭକ୍ତ ଭିଡ଼ ଜମାଇଥିଲେ। ବୌଦ୍ଧ ବିହାର ଉଦୟଗିରି, ରତ୍ନଗିରି, ଲଳିତଗିରିରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ଛତିଆ ଅମରାବତୀ ଉଦାସ ଆଶ୍ରମରେ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ନୂତନ ବର୍ଷ ସୁଖ, ସମୃଦ୍ଧି, ବିକାଶର ବର୍ଷ ହେଉ ବୋଲି କାମନା କରିଥିଲେ। ଓଳାଶୁଣୀ କଟକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲାର ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବାରୁ ହଜାର ହଜାର ଲୋକ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ସ୍ଥଳ ପରିଦର୍ଶନ କରିବା ସହ ବଣଭୋଜିର ମଜା ନେଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବଡ଼ଚଣା, ବୈରୀ ଓ ବାଲିଚନ୍ଦ୍ରପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାଗ୍ରହଣ କରାଯାଇଥିଲା।


ମହାବିନାୟକ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ।

## ସଂକ୍ଷେପରେ

### ଏପିପିଏଲ୍ ପ୍ରିମିୟର ଲିଗ୍: ଇଲାଇଟି ଚାମ୍ପିୟନ

**ସିଂହପୁର,୧୧(ଅନଙ୍ଗ ଉଦୟ ବେଉରିଆ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାର ନିକଟ ପଡ଼ିଆରେ ଏପିପିଏଲ୍ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଲାଇଟି ଅକ୍ଟିପସ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଇଲେଭେନ କିଙ୍ଗସ ଓ ଇଲାଇଟି ଅକ୍ଟିପସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଇଲେଭେନ୍ କିଙ୍ଗସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୧୬ ରନ ସଂଗ୍ରହ କରିଥିଲା। ଜବାବରେ ଇଲାଇଟି ଅକ୍ଟିପସ ୧୨ ଓଭରରେ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥଲା। ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଖବରଦାତା ଅନିରୁଦ୍ଧ ବେଉରିଆ, ପ୍ରଦୀପ ସାମଲ, ଦିବ୍ୟରଞ୍ଜନ ବେଉରିଆ, ଜ୍ୟୋତିରଞ୍ଜନ ବେଉରିଆ ପ୍ରମୁଖ ଯୋଗଦେଇ ଉଭୟ କ୍ରିକେଟ ଟିମ୍‌କୁ ପୁରସ୍କୃତ କରିଥିଲେ। ସନ୍ଦୀପ ବେଉରିଆ, ବିକ୍ରମ ବେଉରିଆ, ଅଙ୍କିତ ବେଉରିଆ, ଅମିତ ପ୍ରିୟଦର୍ଶୀ ବେଉରିଆ, ଆୟୁଷ ବେଉରିଆ, ସୌମ୍ୟରଞ୍ଜନ ମଲ୍ଲିକ, ଆୟୁଷ ନାୟକ ଓ ଛୋଟୁ ଜେନା ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଜ୍ୟୋତିପ୍ରକାଶଙ୍କ ଗୀତରେ ମତୁଆଲା ଦର୍ଶକ


ମହୋତ୍ସବରେ ଇଣ୍ଡିଆନ ଆଇଡଲ ସିଙ୍ଗର ଜ୍ୟୋତିପ୍ରକାଶ ଓଝା ଓ ତାଙ୍କ ସାଥୀ ସଙ୍ଗୀତ ପରିବେଷଣ କରୁଛନ୍ତି।।

## ଧର୍ମଶାଳା ମହୋତ୍ସବର ଅଷ୍ଟମ ସନ୍ଧ୍ୟା

**କାଏମା,୧୧ (ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ମହୋତ୍ସବର ୮ମ ସନ୍ଧ୍ୟାରେ ଗୁରୁବାର ବହୁ ଜନସମାଗମ ହୋଇଛି। ଜିଲା ଓ ଜିଲା ବାହାରୁ ଦର୍ଶକ ଆସି ମହୋତ୍ସବର ମଜା ନେଇଛନ୍ତି। ସେମାନେ ମୀନା ବଜାର ବୁଲିବା ସହ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଛନ୍ତି। ଏହି ସନ୍ଧ୍ୟାରେ ଇଣ୍ଡିଆନ ଆଇଡଲ ସିଙ୍ଗର ଜ୍ୟୋତିପ୍ରକାଶ ଓଝା ଓ ସାଥିଙ୍କ ନୃତ୍ୟଗୀତରେ ମତୁଆଲା ହୋଇଛନ୍ତି। ସେମାନଙ୍କ ହିନ୍ଦୀ ଏବଂ ଓଡ଼ିଆ ସଙ୍ଗୀତ ଦର୍ଶକଙ୍କ ହୃଦୟକୁ ଛୁଇଁଛି। ନବବର୍ଷ ଅବସରରେ ବିଧାୟକ ହିମାଂଶୁ ଶେଖର ସାହୁ ଦର୍ଶକଙ୍କ ସହ ବସି ନୃତ୍ୟସଙ୍ଗୀତକୁ ଭରପୁର ଉପଭୋଗ କରିଥିଲେ। ଶୁକ୍ରବାର ୯ମ ସନ୍ଧ୍ୟାରେ ବଲିଉଡ କଣ୍ଠଶିଳ୍ପୀ ନକାଶ ଆଜିଜ ଓ ସାଥିଙ୍କ ଦ୍ୱାରା ନୃତ୍ୟସଂଗୀତ ପରିବେଷଣ କରାଯିବ ବୋଲି ମହୋତ୍ସବ କମିଟି ସଭାପତି ରବୀନ୍ଦ୍ର ନାରାୟଣ ସାହୁ ଓ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି ସୂଚନା ଦେଇଛନ୍ତି।

### ଡାକ୍ତର ପାର୍ବତୀବଲ୍ଲଭ ପଟ୍ଟନାୟକଙ୍କ ପରଲୋକ



**ଯାଜପୁରଟାଉନ,୧୧(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ସହରର ବରିଷ୍ଠ ଶଲ୍ୟ (ସର୍ଜରୀ) ବିଭାଗର ଡା. ପାର୍ବତୀ ବଲ୍ଲଭ ପଟ୍ଟନାୟକଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତଥିଲେ। ତାଙ୍କୁ ୮୨ବର୍ଷ ହୋଇଥିଲା। ସେ ଭୁବନେଶ୍ୱରରେ ପୁଅ, ବୋହୂଙ୍କ ପାଖରେ ରହୁଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଯାଜପୁର ସହରରେ ଶୋକର ଛାୟା ଖେଳିଯାଇଥିଲା। ପାର୍ବତୀ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ରହିଥିଲେ। ପରେ ପଦୋନ୍ନତି ପାଇ ସ୍ୱାସ୍ଥ୍ୟ ବିଭାଗର ଡେପୁଟି ଡାଇରେକ୍ଟର ହୋଇ ଅବସର ନେଇଥିଲେ। ଚାକିରିରୁ ଅବସର ପରେ ଯାଜପୁରରେ ରହି ରୋଗୀ ଚିକିତ୍ସା କରୁଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଧର୍ମପରାୟଣା ମହିଳା ଥିଲେ। ତାଙ୍କ ବିୟୋଗରେ ଡା. କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଡା. ରାଜକିଶୋର ପଣ୍ଡା, ଡା. ମଦନ ସାମଲ, ଡା. ଭାଗିରଥୀ ପାଣି, ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ପୂର୍ବତନ ପୌରାଧ୍ୟକ୍ଷା ତୁଷାରକାନ୍ତୀ ନାୟକ, ପ୍ରେସ୍‌କ୍ଲବ ସଭାପତି ରାଜୀବ ମହାନ୍ତି, ଆଇନଜୀବୀ ସମରଜିତ ମହାନ୍ତି, ଆଦିତ୍ୟ ମେକାପଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅନିତା


@ ଦୀପକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।





















# ସଦ୍‌ଭାବନା ସାମାଜିକ ସମ୍ପର୍କକୁ ସୁଦୃଢ଼ କରିଛି

**ଡେରାବିଶ, ୧୧ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶର ଐତିହ୍ୟ, ସଂସ୍କୃତି ଓ ବୈଭବକୁ ଉଜ୍ଜୀବିତ ରଖିବାକୁ ଡେରାବିଶ ମିନି ଷ୍ଟାଡିୟମରେ ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ଚତୁର୍ଦ୍ଦଶତମ ବାର୍ଷିକ ଡେରାବିଶ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଡେରାବିଶ ସାଂସ୍କୃତିକ ସଙ୍ଗଠନ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନର ମିଳିତ ସହଯୋଗରେ ଅନୁଷ୍ଠିତ ମହୋତ୍ସବର ଶେଷ ସନ୍ଧ୍ୟା ଆୟୋଜକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ଆୟୋଜକ ସଙ୍ଗଠନ ସଦସ୍ୟ ଅତୁଲ୍ୟ କୁମାର ରଥଙ୍କ ସଂଯୋଜନାରେ ହୋଇଥିବା ଉଦ୍‌ଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ସହ ମୟୂରଭଞ୍ଜର ଦୟାସାଗର ଛଉ ନୃତ୍ୟ ଦଳ, ପଟ୍ଟାମୁଣ୍ଡାଇର ଫିଟ୍ ଏଣ୍ଡ୍ ଫାୟାର ଡ୍ୟାନ୍ସ ଏକାଡେମୀ ଓ କେନ୍ଦ୍ରାପଡ଼ାର ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନର କଳାକାରଙ୍କ ଦ୍ୱାରା ପରିବେଷିତ ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କଳାକାରଙ୍କ ସହ ତାଳ ଦେଇ ଦର୍ଶକମାନେ ମଧ୍ୟ ନାଚି ଉଠିଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଯାପନୀ ସମାବେଶରେ ଆୟୋଜକ ସଙ୍ଗଠନର ଉପସଭାପତି ନିଗମାନନ୍ଦ ସାହୁ, ସମ୍ପାଦକ ସରୋଜ କୁମାର ଦାଶ, ଉପଦେଷ୍ଟା ସରୋଜକାନ୍ତ ସାହୁ, ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ମହେନ୍ଦ୍ର କୁମାର ସିଂହ, ଗୌରାଙ୍ଗ ସାହୁ, କର୍ମକର୍ତ୍ତା ତ୍ରିଲୋଚନ ରାଉତ, ଭବାନୀ ପ୍ରସାଦ ଓଝା ଓ ବିପିନ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବ ଅଞ୍ଚଳବାସୀଙ୍କ ମଧ୍ୟରେ ସଦ୍‌ଭାବନା ଓ ସାମାଜିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିଥିବା କହିଥିଲେ। ଏହି ଅବସରରେ ମହୋତ୍ସବ ପାଇଁ ଅନୁଷ୍ଠିତ ହୋଇଥିବା ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳରେ କ୍ରୀଡାର ବିକାଶ ପାଇଁ ନିଜର ଅଦମ୍ୟ ଉଦ୍ୟମ ଜାରି ରଖିଥିବା ବରିଷ୍ଠ କ୍ରୀଡାବିତ ସାହାଜାନ୍ ଖାନ୍‌ଙ୍କୁ ଅତିଥିମାନେ ଉତ୍ତରୀୟ ଓ ମହୋତ୍ସବ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ଦୌଡ କୁଦରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ପାଇଥିବା କୁନି ପ୍ରତିଯୋଗୀ ଶାହାଦତ୍ ଖାନ୍, ଜାତୀୟ ପ୍ରତିଯୋଗିତାରେ ଚାଲିବା ବିଭାଗରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଡେରାବିଶ ଅଞ୍ଚଳର ଯୁବ କ୍ରୀଡାବିତ୍ ରାଜକିଶୋର ସାହୁଙ୍କ ଏବଂ ମହୋତ୍ସବକୁ ସଫଳତାର ସହ ଆୟୋଜନ ପାଇଁ ସହଯୋଗ କରିଥିବା ପୋଲିସ ବିଭାଗ, ଅଗ୍ନିଶମ ବିଭାଗ ଅଧିକାରୀଙ୍କ ସମେତ ମହୋତ୍ସବ ପଡିଆ ଷ୍ଟଲ୍‌ରେ ବ୍ୟବସାୟର ପସରା ମେଲାଇଥିବା ସରକାରୀ, ବେସରକାରୀ ମୁଖ୍ୟ ବ୍ୟବସାୟୀ ଓ ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସଙ୍ଗଠନ ସଦସ୍ୟ ଅନୁପ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବର ପ୍ରାରମ୍ଭରେ ଆୟୋଜକ ସଙ୍ଗଠନର ସଦସ୍ୟ ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ସଙ୍ଗଠନ କର୍ମକର୍ତ୍ତା ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ।


ମୟୂରଭଞ୍ଜ କଳାକାରଙ୍କ ଦ୍ୱାରା ଛଉନୃତ୍ୟ ପ୍ରଦର୍ଶନ।

## ଚତୁର୍ଦ୍ଦଶତମ ଡେରାବିଶ ମହୋତ୍ସବ ଉଦ୍‌ଯାପିତ

# ନୃତ୍ୟନାଟିକା ନିମାଇଁ ସନ୍ନ୍ୟାସ ନୃତ୍ୟାଭିନୟରେ ଦର୍ଶକ ମନ୍ତ୍ରମୁଗ୍ଧ

## ଗଡମେକର୍ ଶିଶିର ଉତ୍ସବ ଲୋକାର୍ପିତ

**ପଟ୍ଟାମୁଣ୍ଡାଇ, ୧୧ (କଳ୍ପତରୁ ନାୟକ)**

ଓଡ଼ିଶାର ସର୍ବବୃହତ ପଞ୍ଚକଳା ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ ସାଂସ୍କୃତିକ ସଙ୍ଗଠନ (ଗଡ଼ମେକର)ର ଶାସ୍ତ୍ରୀୟ ତଥା ପାରମ୍ପରିକ ଓଡ଼ିଶୀ ପଞ୍ଚକଳା ଆସର ପକ୍ଷରୁ ୧୯ତମ ଶିଶିର ଉତ୍ସବ ସହିତ ୩୯ତମ ବାର୍ଷିକୋତ୍ସବ ଆୟୋଜିତ ହୋଇଯାଇଛି। ଶ୍ରୀରାମ ମନ୍ଦିର ସମ୍ମୁଖ ସୁସଜ୍ଜିତ ମଞ୍ଚରେ ଗଡ଼ମେକର ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୀତିକବି ସୁଶାନ୍ତ ପାଣିଙ୍କ ପୌରୋହିତ୍ୟରେ ଗୀତ, ବାଦ୍ୟ, ନୃତ୍ୟ, ନାଟ୍ୟ, ଚିତ୍ରାଦି ପଞ୍ଚକଳାକୁ ନେଇ ଗଡ଼ମେକରର ଆକାଶବାଣୀ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ କଳାକାରମାନେ ଚିତ୍ତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବାବା ବୈକୁଣ୍ଠନାଥଙ୍କ ସୁପ୍ରସିଦ୍ଧ ନୃତ୍ୟନାଟିକା ନିମାଇଁ ସନ୍ନ୍ୟାସ ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ପ୍ରାରମ୍ଭରେ ଗଡମେକର୍ ପ୍ରତିଷ୍ଠାତା ନିର୍ଦ୍ଦେଶକ ଗୀତିକବି ପାଣିଙ୍କ ସୁମଧୁର ସଂଯୋଜନାରେ ବନ୍ଦେ ମାତରମ୍ ସଙ୍ଗୀତ ଓ ଗଣକବି ଗୋପାଳ ଦାଶଙ୍କ ୧୫୦ତମ ଜୟନ୍ତୀ ପାଳନର ପବିତ୍ର ସନ୍ତକ ବହନ କରିଥିଲା। ବନ୍ଦେ ମାତରମ୍ ବୃନ୍ଦଗାନରୁ ଆରମ୍ଭ ଶିଶିର ଉତ୍ସବରେ ଗୋପାଳ ସଙ୍ଗୀତ, ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ, ଦେଶାତ୍ମବୋଧକ, ପଲ୍ଲୀ, ଶିଶୁ ସଙ୍ଗୀତ ସହିତ ସୁଗମ ଓ ଚଳଚ୍ଚିତ୍ର ସଙ୍ଗୀତ ଆଦି କଣ୍ଠଶିଳ୍ପୀ ସିବ ତରାଇ, ସୁଦୀପ୍ତ ନାୟକ, ଅମୃତମୟ ସାମଲ, ସୁପ୍ରିୟା ଦାଶ, ପ୍ରିୟଙ୍କା ବେହେରା, ତାନି ତମନ୍ନା ପ୍ରଧାନ, ସାଇ ସମୀକ୍ଷା ସାହୁ, ସୁଶ୍ରୀ ସମନ୍ୱିତା ଦାଶ, ସୌମ୍ୟରଞ୍ଜନ ସୂତାର ପ୍ରମୁଖଙ୍କ କଣ୍ଠ ସୌମ୍ୟକାନ୍ତ ମଲ୍ଲିକଙ୍କ ମର୍ଦ୍ଦଳ ବାଦନ ଓ ସାଇ ସ୍ୱରାଜ ଶତପଥୀଙ୍କ ଉପସ୍ଥାପନା ହୋଇଥିଲା। ଓଡ଼ିଶାର ୧୭ଟି ଜିଲା ସମେତ ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟ ମହୋତ୍ସବ, ଭୁବନେଶ୍ୱର ଦୂରଦର୍ଶନ ଆଦିରେ ଗଡମେକର୍ କଳା ପ୍ରଦର୍ଶନର ଝଲକ ଏହି ଶିଶିର ଉତ୍ସବରେ ଦେଖିବାକୁ ମିଳିଥିଲା। ଶାସ୍ତ୍ରୀୟ ଓଡ଼ିଶୀ ମଙ୍ଗଳାଚରଣ ନମାମି, ବଟୁନୃତ୍ୟ, ରାଗେଶ୍ରୀ ପଲ୍ଲବୀ, ମୋକ୍ଷନୃତ୍ୟ ଆଦି ଗୁରୁ ବିଜୟ କୁମାର ଦାଶଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶନ କରାଯାଇଥିଲା। ଗଡ଼ମେକରର ଆକାଶବାଣୀ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ କଳାକାରମାନେ ନୃତ୍ୟାଭିନୟ ପରିବେଷଣ କରିଥିଲେ। ଗୁରୁ ରମେଶ ଦେଙ୍କ ନିର୍ଦ୍ଦେଶନାରେ ଚିତ୍ରକଳା ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଳି ପାଣି, ନଳିନୀ ପ୍ରଣିଗ୍ରାହୀ ସମେତ ଅନ୍ୟାମାନେ ପରିଚାଳନା କରିଥିଲେ।





ନୂଆବର୍ଷ ଅବସରରେ ଆଳିର ଯତୀନ ଦାସଙ୍କ ଦ୍ୱାରା ପ୍ରଦର୍ଶିତ ବାଲୁକାକଳା।

# ନୂଆବର୍ଷରେ ଦେବଦେବୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଆଳି, ୧୧ (ବନମାଳୀ ସେନାପତି):** ନୂଆବର୍ଷକୁ ସ୍ୱାଗତ କରିବା ନିମନ୍ତେ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଯୁବପିଢ଼ିମାନେ ନୂତନ ବର୍ଷକୁ ସ୍ୱାଗତ କରିବା ନିମନ୍ତେ ଅଧିକ ଉତ୍ସାହିତ ଥିଲେ। ବିଶେଷ କରି ମନ୍ଦିରରେ ଠାକୁରଙ୍କ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଆଳି ଅଞ୍ଚଳରେ ଥିବା ସମସ୍ତ ମନ୍ଦିରରେ ଗୁରୁବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗି ରହିଥିଲା। ଆଳିର ଆରାଧ୍ୟ ଠାକୁର ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିର ସମେତ ତୁଳସୀସ୍ଥିତ ସ୍ୱପ୍ନେଶ୍ୱର ମହାଦେବ, ଇଶାନେଶ୍ୱର ମହାଦେବ ମନ୍ଦିରରେ ଠାକୁରଙ୍କ ନିକଟରେ ହଜାର ହଜାର ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରି ନୂତନ ବର୍ଷ କିପରି ଭଲ ଭାବେ କଟିବ ସେ ନେଇ ପ୍ରାର୍ଥନା କରିଥିଲେ। ଯୁବପିଢ଼ିମାନେ ଭୋଜିଭାତ କରି ମସଗୁଲ ହୋଇଥିଲେ।

# ଗହୀରମଥାରୁ ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୧୧ (ଭାସ୍କର ରାଉତରାୟ)**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଳୀ ମୁହାଁଣରୁ ୧୪କି.ମି. ଦୂରରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଦଳ ପେରାନ୍ତଲୁ ନାମକ ଟ୍ରଲରକୁ ଜବତ କରିବା ସହ ୧୦ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨ଟି ଜିପିଏସ, ୨ଟି ଭିଏଚଏଫ୍, ୨ଟି ଜେନେରେଟର, ଜାଲ, ୧୩ କୁଇଣ୍ଟାଲ ମାଛ ଜବତ କରିଥିଲେ। ଗିରଫ ମତ୍ସ୍ୟଜୀବୀମାନେ ହେଲେ ରୟିଥି ଅମାରୁ, ଭାସୁପିଲି ରାମୁ, ଭାସୁପିଲି ଦନୟା, ଭାସୁପିଲି ଲକ୍ଷ୍ମଣ, ରୟିଥି ଆପାଲକୋଣ୍ଡା, ଭାସୁପିଲି ରାମୁ, ରୟିଥି ଝୋଟାୟା, ମୁଗି ଦୁର୍ଗାୟା, ମ୍ୟାଲାପିଲି ୟେଲାୟା, ୟେରିପିଲି ସନ୍ନ୍ୟାସୀ। ମତ୍ସ୍ୟଜୀବୀମାନେ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲା ଅଞ୍ଚଳର ବାସିନ୍ଦା। ଗିରଫ ମତ୍ସ୍ୟଜୀବୀମାନଙ୍କୁ ଗୁରୁବାର କେନ୍ଦ୍ରାପଡ଼ା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ମନ୍ଦିର ପରିସରରେ ବିଶ୍ୱ ପ୍ରାର୍ଥନା ଦିବସ ପାଳିତ

**କେନ୍ଦ୍ରାପଡ଼ା, ୧୧ (ଜଗନ୍ନାଥ ଧଳ)**

ଦିବ୍ୟଜୀବନ ସଂଘର ଶିବାନନ୍ଦ ଆଶ୍ରମ ପକ୍ଷରୁ ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ମନ୍ଦିର ପରିସରରେ ବିଶ୍ୱ ପ୍ରାର୍ଥନା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାର୍ଥନା ସଭାରେ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦର୍ଶାଇଥିଲେ, ଈଶ୍ୱରଙ୍କ ଦ୍ୱାରା ଏହି ଅନବଦ୍ୟ ସଂସାର ସୃଷ୍ଟି ହୋଇଛି। ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ପାଇଁ ବିଶ୍ୱରେ ପାଳନ ହେଉଥିବା ବିଭିନ୍ନ ଦିବସ ପରି ଜାନୁଆରୀ ପହିଲାକୁ ବିଶ୍ୱ ପ୍ରାର୍ଥନା ଦିବସ ଭାବେ ପାଳନ କରାଯିବା ଆବଶ୍ୟକ। ଏହି ସଭାରେ ବାବାଜୀ ରାମସରଣାନନ୍ଦ, ବଳଦେବ ସେନାର କର୍ମକର୍ତ୍ତା, ବହୁ ରାଜନେତା, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଯୋଗ ଦେଇଥିଲେ। ଏହି ସଭାକୁ ଆଶ୍ରମର ବ୍ରହ୍ମଚାରୀ ନୃସିଂହ ଦାସ ଓ ଶ୍ରଦ୍ଧାଳୁ ପରିଚାଳନା କରିଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

**ଆଳି, ୧୧ (ବନମାଳୀ ସେନାପତି)**

ଆଳି ବ୍ଲକ ଖରାଖାଇ ଗାଁର ଧର୍ମପରାୟଣା ମହିଳା ସଞ୍ଜୁକ୍ତାରାଣୀ ରାୟ(୬୧)ଙ୍କ ପରଲୋକ ଘଟିଛି। ରାୟଙ୍କ ପରଲୋକରେ ଗାଁରେ ଶୋକର ଛାୟା ଖେଳି ଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ, ବୋହୂ, ପୁଅ, ନାତୁଣୀନାତି ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁଅ ରାକେଶ ମୁଖାଗ୍ନି ଦେଇଥିଲେ।

























# ଶ୍ୱଶୁର ଘରେ ସ୍ୱାମୀଙ୍କୁ ବିଷ ପିଆଇ ହତ୍ୟା

ନୟାଗଡ଼/ରଣପୁର, ୧।୧
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଖଡିଆ ଗାଁର ବିପିନ ବିହାରୀ ଭୂୟାଁ(୩୦)ଙ୍କୁ ଶ୍ୱଶୁର ଘର ଲୋକେ ବିଷ ପିଆଇ ମାରିଦେବା ଅଭିଯୋଗ କରି ପରିବାର ଲୋକେ ଦର୍ପନାରାୟଣପୁର ଫାଣ୍ଡିକୁ ଅଭିଯୋଗ କରିବାକୁ ଗୁରୁବାର ଆସିଥିଲେ। ତେବେ ପୋଲିସ ଏତଲା ନ ରଖିବାରୁ ମହିଳାମାନେ ଉତ୍ତେଜିତ ହୋଇ ଫାଣ୍ଡି ସମ୍ମୁଖରେ ସନ୍ଧ୍ୟା ୬ଟାରୁ ଧାରଣା ଦେଇଥିଲେ। ଆନ୍ଦୋଳନ ବଢ଼ିବା ପରେ ରଣପୁର ଥାନା ଆଇଆଇସି ଆସି ଏତଲା ଗ୍ରହଣ କରିଥିଲେ। ତେବେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ଧାରଣା ଚାଲୁ ରହିଛି ।

ଅଭିଯୋଗରୁ ପ୍ରକାଶ, ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ଖଡିଆ ଗାଁର ବିପିନ ନୟାଗଡ଼ ସଦର ଥାନା ଜୟମଙ୍ଗଳପ୍ରସାଦ ଆଟିକାପୋଡି ଗାଁର ବର୍ଷା(୨୧)ଙ୍କୁ ୯ ମାସ ତଳେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ବର୍ଷା ଛୋଟ ଛୋଟ କଥାକୁ ନେଇ ଗଣ୍ଡଗୋଳ କରୁଥିଲେ। ଏନେଇ ଘରେ ଅଶାନ୍ତି ସୃଷ୍ଟି ହେବା ସହ ଝଗଡ଼ା ଲାଗି ରହିଥିଲା। ଏହି କାରଣରୁ ବର୍ଷା ତାଙ୍କ ବାପଘରକୁ ଚାଲିଯାଇଥିଲେ। ଗତ ୩୦ ତାରିଖରେ ବିପିନ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ମଧ୍ୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସେଠାରେ ବିପିନଙ୍କୁ ଶ୍ୱଶୁର ଘର ଲୋକେ ଜବରଦସ୍ତ ବିଷ ପିଆଇ ଦେଇଥିଲେ। ସେ ଗୁରୁତର ହୋଇପଡିବାରୁ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ବର୍ଷାଙ୍କ ପରିବାର ଲୋକେ ବିପିନଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କ ପରିବାର ଲୋକେ ଚିକିତ୍ସାଳୟକୁ ଆସିବା ପରେ ଶ୍ୱଶୁର ଘର ଲୋକ ସେଠାରୁ ଫେରାର ହୋଇଯାଇଥିଲେ। ବିପିନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ ପରିବାର ଲୋକେ ଭୁବନେଶ୍ୱରକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଗାଁ ଖଡିଆକୁ ଆସିଥିଲା । ପରିବାର ଲୋକ ଶ୍ୱଶୁର ଘର ଲୋକଙ୍କୁ ବିପିନଙ୍କ ମୃତ୍ୟୁ ପାଇଁ ଦାୟୀ କରି ଗୁରୁବାର ଦର୍ପନାରାୟଣପୁର ଫାଣ୍ଡିକୁ ଅଭିଯୋଗ କରିବାକୁ ଆସିଥିଲେ। ହେଲେ ପୋଲିସ ଅଭିଯୋଗ ରଖି ନ ଥିଲା। ଫଳରେ ସେଠାରେ ଚାପା ଉତ୍ତେଜନା ସହ ତାଙ୍କ ପରିବାର ସଦସ୍ୟମାନେ ଫାଣ୍ଡି ସମ୍ମୁଖରେ ଧାରଣା ଦେଇଛନ୍ତି, କିନ୍ତୁ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।



ଦର୍ପନାରାୟଣପୁର ଫାଣ୍ଡି ଆଗରେ ମହିଳାମାନେ ଧାରଣା ଦେଇଛନ୍ତି।


ବିପିନ ବିହାରୀ ଭୂୟାଁ

## ଏତଲା ନ ରଖିବାରୁ ଫାଣ୍ଡି ଆଗରେ ମୃତଦେହ ରଖି ଧାରଣା

### ହତ୍ୟାକାରୀଙ୍କୁ ଗିରଫ ନ କଲେ ହଟିବନି ଆନ୍ଦୋଳନ

## ଭିଡିଓରେ ହତ୍ୟା ରହସ୍ୟ

ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ବିପିନଙ୍କୁ କିପରି ଶ୍ୱଶୁର ଘର ଲୋକମାନେ ବିଷ ପିଆଇ ମାରିବାକୁ ଉଦ୍ୟମ କରିଛନ୍ତି, ତାର ଗୁମର ଭିଡିଓରେ ଖୋଲିଛନ୍ତି। ମୃତ୍ୟୁ ପୂର୍ବରୁ ବିପିନ ୧ ମିନିଟ୍ ୪୮ ସେକେଣ୍ଡର ଭିଡିଓରେ କହୁଛନ୍ତି, ମୋ ସ୍ତ୍ରୀ ଓ ଶ୍ୱଶୁର ଘର ଲୋକ ମୋ ସହ ୮ ଦିନ ହେଲା କଥା ହେଉ ନ ଥିଲେ । କଥା ହେବା ପାଇଁ ୫୦ ହଜାରରୁ ୧ ଲକ୍ଷ ଟଙ୍କା ମୋତେ ମାଗିଥିଲେ। ମୁଁ ୫୦ ହଜାର ଟଙ୍କା ନେଇ ଶ୍ୱଶୁର ଘରକୁ ଯାଇଥିଲି । ମୋ ଶ୍ୱଶୁର ଘର ଲୋକ ଟଙ୍କା ଓ ମୋବାଇଲ ଛଡାଇ ରଖିଲେ। ଶ୍ୱଶୁର, ଧରମ ଶ୍ୱଶୁର ଓ ଅନ୍ୟ ଜଣେ ଅଜଣା ଲୋକ ମୋତେ ମାରପିଟ୍ ପରେ ଥଣ୍ଡାରେ ବିଷ ମିଶାଇ ପିଆଇଲେ। ପରେ ପୁଣି ଏକ ବିଷ ଔଷଧ ଆଣି ମିଛରେ ମୋ ଫଟୋ ଉଠାଇ କେସ୍ କରିବାକୁ ଧମକ ଦେଇଥିଲେ। ପରେ ମୋ ବାପାଙ୍କୁ ଫୋନକରି ତୁମ ପୁଅ ବିଷ ପିଇଛି ବୋଲି କହିଥିବା ଏକ ଭିଡିଓ ଭାଇରାଲ ହୋଇଛି।

# ଶ୍ରୀ ନୀଳମାଧବ, ରାମମନ୍ଦିର ଦର୍ଶନ କଲେ ମୁଖ୍ୟମନ୍ତ୍ରୀଙ୍କ ସ୍ତ୍ରୀ

ଖଣ୍ଡପଡ଼ା/ଭାପୁର, ୧।୧
(ଅଜୟ କୁମାର ମହାରଣା/ ପ୍ରଭାତ ବରାଡ)

୨୦୨୬ ନୂଆବର୍ଷ ପ୍ରାରମ୍ଭରେ ଗୁରୁବାର ଜଗନ୍ନାଥ ସଂସ୍କୃତିର ଆଦିପୀଠ ତଥା ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ନୟାଗଡ଼ ଜିଲା କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉ ଓ ଫତେଗଡରେ ଥିବା ଶ୍ରୀରାମ ମନ୍ଦିରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ତ୍ରୀ ଡ଼. ପ୍ରିୟଙ୍କା ମାରାଣ୍ଡି ସପରିବାର ଦର୍ଶନ କରିଥିଲେ। ଅପରାହ୍ନ ପ୍ରାୟ ୧ଟାରେ ମାରାଣ୍ଡି କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ପହଞ୍ଚିବା ପରେ ସେଠାରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲା, ଆରକ୍ଷୀ ଅଧୀକ୍ଷିକା ଏସ୍.ସୁଶ୍ରୀ, ଏଡିଏମ୍ ରୋଜିନା ଦାସ, ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ନୀଳମାଧବଙ୍କ ପୀଠରେ ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମୁଖ୍ୟ ସିଂହଦ୍ୱାର ପାର୍ଶ୍ୱରେ ନ ନେଇ ମନ୍ଦିର ପଶ୍ଚିମଦ୍ୱାର ବାଟେ ମାରାଣ୍ଡିଙ୍କୁ ଦର୍ଶନ ନିମନ୍ତେ ନିଆଯାଇଥିଲା। ପରେ ନୀଳମାଧବ ପୂଜକ ସମାଜ ପକ୍ଷରୁ ମାରାଣ୍ଡିଙ୍କୁ ଉପଢୌକନ ସହ ଠାକୁରଙ୍କ ଫଟୋ ଚିତ୍ର ପ୍ରଦାନ କରାଯାଇଥିଲା। ମନ୍ଦିର ବିକାଶ ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ପୂଜକ ସମାଜ ଓ ସେବାୟତଙ୍କ ସହ ମାରାଣ୍ଡି ଆଲୋଚନା କରିଥିଲେ। ମନ୍ଦିର ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସେବାୟତମାନେ ଅନୁରୋଧ କରିଥିଲେ। ଠାକୁରଙ୍କ ଦର୍ଶନ ପରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କଣ୍ଟିଲୋର କଂସା, ପିତଳ କାରିଗରମାନଙ୍କ ହାତ ତିଆରି କଂସା,ପିତଳ ବାସନ ସାମଗ୍ରୀ ଓ ଜଗନ୍ନାଥ ମୂର୍ତ୍ତି ଡାକ ବଙ୍ଗଳାରେ ମାରାଣ୍ଡିଙ୍କୁ ପ୍ରଦାନ କରିଥିଲେ। ଅପରାହ୍ନରେ ଫତେଗଡ ଶ୍ରୀରାମ ମନ୍ଦିରରେ ଦର୍ଶନ ପାଇଁ ପହଞ୍ଚି ଥିଲେ। ନାମ ସଂକୀର୍ତ୍ତନ ସହ ତାଙ୍କୁ ମନ୍ଦିର ଭିତରକୁ ନିଆଯାଇଥିଲା। ସେଠାରେ ମାରାଣ୍ଡି ଦର୍ଶନ କରିଥିଲେ। ମନ୍ଦିର କମିଟି ତରଫରୁ ମାରାଣ୍ଡିଙ୍କୁ ରାମ ମନ୍ଦିର ଫଟୋ ଚିତ୍ରଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।


ନୀଳମାଧବ ପୂଜକ ସମାଜ ପକ୍ଷରୁ ଡ଼. ପ୍ରିୟଙ୍କା ମାରାଣ୍ଡିଙ୍କୁ ଉପଢୌକନ ସହ ଶ୍ରୀନୀଳମାଧବଙ୍କ ଫଟୋ ଚିତ୍ର ପ୍ରଦାନ କରାଯାଉଛି।

**ବିଦାୟ ନେଲା ୨୦୨୫**

# ପାର୍କ, ଝରଣାକୂଳରେ ଭୋଜି, ନୂଆବର୍ଷକୁ ସ୍ୱାଗତ

ରଣପୁର,୧।୧ (ସୁକାନ୍ତ କିଶୋର ଡାକୁଆ)

ସବୁଆଡେ ଗୁରୁବାର ପୁରୁଣା ବର୍ଷ ୨୦୨୫କୁ ବିଦାୟ ଦେଇ ଶୀତ ଓ କୁହୁଡିରେ ନୂତନ ବର୍ଷ ୨୦୨୬କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଲୋକମାନେ ପରିବାର, ବନ୍ଧୁବର୍ଗଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ପାର୍କ ଓ ଝରଣାସ୍ଥାନରେ ବଣଭୋଜିରେ ମଜି ଥିଲେ। ଓଡ଼ିଶାରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ଜଗନ୍ନାଥ ମନ୍ଦିର ଓ ମା' ମଣିନାଗଙ୍କ ମନ୍ଦିରରେ ମଧ୍ୟ ଗୁରୁବାର ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ନୂତନ ବର୍ଷରେ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରି ବର୍ଷଟି ଭଲରେ ବିତିବା ପାଇଁ ପ୍ରଭୁଙ୍କୁ ନିବେଦନ କରିଥିଲେ। ସକାଳୁ ସକାଳୁ ପ୍ରବଳ କୁହୁଡି ସତ୍ତ୍ୱେ ଲୋକମାନେ ଏହାକୁ ଖାତିର ନ କରି ମନ୍ଦିରରେ ଠାକୁର ଦର୍ଶନ ସହିତ ଓ ବଣଭୋଜି ପାଇଁ ବାହାରିଥିଲେ । ଏହି ସମୟରେ ରଣପୁର ବଜାରରେ ସାମୟିକ ଭାବେ ଟ୍ରାଫିକ ସମସ୍ୟା ଦେଖା ଦେଇଥିଲା। ସେହିପରି ବ୍ରଜରକୋର୍ଟ ଗ୍ରାମ ପାହାଡ଼ ପଦଦେଶରେ ଥିବା ମା' ଆସୁରୀକୁମାରୀ ପୀଠରେ ହଜାର ହଜାର ପର୍ଯ୍ୟଟକ ଭୋଜିଭାତର ଆସର ଜମାଇ ଥିଲେ। ଅନ୍ୟ ପଟେ ବେଶ୍ ଜଣାଶୁଣା ସୁନାଖଳା ନିକଟସ୍ଥ କୋଟଗଡ଼ ପାର୍କର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଲକ୍ଷାଧିକ ଲୋକଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା। ଏଥିପାଇଁ କୋଟଗଡ଼ ପାର୍କଠାରୁ ସୁନାଖଳା ପର୍ଯ୍ୟନ୍ତ ଏବଂ ସୁନାଖଳାଠାରୁ ଖୋର୍ଦ୍ଧା–ନୟାଗଡ଼ ରାସ୍ତାରେ ଯାନବାହନଗୁଡ଼ିକ ଅଟକି ରହିଥିଲା। ଏଥିପାଇଁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଫଳରେ ସାଧାରଣ ଲୋକମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଯାତ୍ରୀମାନେ ଯିବା ଆସିବାରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ।



ରଣପୁର ଜଗନ୍ନାଥ ମନ୍ଦିର ବାହାରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

# ବିଜିପୁର ମମତା ହତ୍ୟା ଘଟଣା: ଜେଲଗଲେ ଶାଶୁ, ଶ୍ୱଶୁର

ନୟାଗଡ଼,୧।୧(ଲୋକନାଥ ମିଶ୍ର)

ବିଜିପୁର ମମତା ହତ୍ୟା ଘଟଣାରେ ନୟାଗଡ଼ ଜିଲା ଇଟାମାଟି ଥାନା ପୋଲିସ ଶାଶୁ ପ୍ରମିଳା ନାୟକ ଓ ଶ୍ୱଶୁର ପବନା ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ଜିଲା ଜେଲକୁ ପଠାଇ ଦିଆଯାଇଛି। ବିଜିପୁର ଗାଁରେ ମମତା ମହାନ୍ତି(୨୯)ଙ୍କୁ ଗତ ୨୨ ତାରିଖରେ ବିଷ ପିଆଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ନଂ.୪୫୦/୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା ।







## କୁଆଁରିଆ ଡ୍ୟାମରେ ପର୍ଯ୍ୟଟକଙ୍କ ସମାଗମ

ଦଶପଲ୍ଲା, ୧।୧
(ପ୍ରକାଶ କୁମାର ପାଣି):

ଇଂଲିଶ ନବ ବର୍ଷ ଉପଲକ୍ଷେ ଗୁରୁବାର ଦଶପଲ୍ଲାର ପର୍ଯ୍ୟଟନ କେନ୍ଦ୍ର କୁଆଁରିଆ ଡ୍ୟାମ୍‌ରେ ପର୍ଯ୍ୟଟକମାନଙ୍କ ସମାଗମ ହୋଇଥିଲା। ଡିସେମ୍ବର ମାସ ତମାମ ଉକ୍ତ ପର୍ଯ୍ୟଟନସ୍ଥଳରେ ଲୋକଙ୍କ ଭିଡ଼ ହୋଇଥିଲା। ବିଶେଷ କରି ବୁଧବାର ଓ ଗୁରୁବାର ଲୋକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଦିନ ତମାମ ଭୋଜି ଭାତର ଆସର ଲାଗି ରହିଥିଲା। ଦଶପଲ୍ଲା ସମେତ ଭୁବନେଶ୍ୱର,ନୟାଗଡ଼, ନୂଆଗାଁ, ଫୁଲବାଣୀ ଓ ବୌଦ୍ଧ ଆଦି ଅଞ୍ଚଳରୁ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ଜଣାଯାଇଛି। ରାତି ପର୍ଯ୍ୟନ୍ତ ଭୋଜି ଆସର ଜମିଥିଲା। ନିକଟରେ ଥିବା ମୃଗବିହାରଠାରେ ମଧ୍ୟ ପର୍ଯ୍ୟଟକମାନଙ୍କ ସମାଗମ ହୋଇଥିଲା। ମୃଗବିହାର ଠାରେ ମୃଗଙ୍କୁ ଦେଖି ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଉତ୍ସାହିତ ହେଉଥିଲେ।

## ଟ୍ରକ୍ ଦୁର୍ଘଟଣା: ବର୍ତ୍ତିଲେ ଚାଳକ

ଜି.ଉଦୟଗିରି,୧।୧(ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ୍ ଲିଙ୍ଗାଗଡ଼ ଗ୍ରାମ ନିକଟରେ ଗୁରୁବାର ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେଇଛି। ଟ୍ରକ୍‌ଟି ବାଲିଗୁଡ଼ାରେ ସିମେଣ୍ଟ ଅନଲୋଡ୍ କରି ଲିଙ୍ଗାଗଡ଼ ଫେରୁଥିଲା ବେଳେ ଏକ ବୁଲାଣିଠାରେ ଭାରସାମ୍ୟ ହରାଇ ମୁଖ୍ୟ ରାସ୍ତାର ବାମପଟକୁ ଥିବା ଡ୍ରେନ୍ ଭିତରକୁ ପଶି ଏକ ଗଛକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଚାଳକ ଶଙ୍କର ନାୟକ (୩୫) ଲିଙ୍ଗାଗଡ଼ ଗ୍ରାମର।















